

# କଲୁରୀ ବେଣ୍ଟ

## KalurI benTa

[illegible] କାହାଣୀ

୧

This book belongs to

------------------------------------------------------------------------------------

# Preface

Our effort is to provide the oDiA study materials to the people living outside oDishA. This will help us to teach our mother tongue to our next generation. We selected some interesting bedtime stories and trying to publish in this series. These stories have lots of useful oDiA words and reflect our culture. To make it readable, this series of books are written in the transliterated Odia format (ITRANS). To get more information about oDiA transliteration and ITRANS, please visit www.odia.org.

We are very much thankful to the unknown authors of these stories and our grandparents who pass these stories from generations to generations.

www.odia.org family

## ସମ୍ପାଦକୀୟ

ଓଡିଶା ବାହାରେ ରହୁଥିବା ଓଡିଆମାନଙ୍କ ପାଇଁ ଓଡିଆ ଶିଖିବା ଏବଂ ଶିଖାଇବା ନିମନ୍ତେ ପୁସ୍ତକ ଯୋଗାଇବାର ଏହା ଆମର ଏକ କ୍ଷୁଦ୍ର ପଦକ୍ଷେପ । ଏହି କ୍ରମରେ ଆମେ କେତେକ ନିର୍ବାଚିତ ଗଳ୍ପ ଛପାଇବା ପାଇଁ ଚେଷ୍ଟା କରୁଛୁ । ଏହି ଗଳ୍ପ ମାଧ୍ୟମରେ ପିଲାମାନେ ଅନେକ ଓଡିଆ ଶବ୍ଦ ଏବଂ ଓଡିଶାର ସଂସ୍କୃତି ବିଷୟରେ ଶିକ୍ଷାଲାଭ କରିପାରିବେ । ଏ ସମସ୍ତ ପୁସ୍ତକ ପଢିବାକୁ ସହଜ ହେବାପାଇଁ ଓଡିଆ ଉଚ୍ଚାରିତ ଇଂରାଜୀରେ ଲେଖାଯାଇଛି ।

ପରିଶେଷରେ, ଆମେ ସେହି ଅନାମଧେୟ ଗଳ୍ପ ରଚୟିତା ଏବଂ ଆମର ବୁଢୀମା' ମାନଙ୍କ ପ୍ରତି ବିନମ୍ର ପ୍ରଣାମ ଜଣାଉଛୁ ।

ଓଡିଆ ଡଟ୍ ଅର୍ଗର ପରିବାର ବୃନ୍ଦ

## kathaaTie kahu.N kathaaTie ...

ki kathaa?   benga mathaa

ki benga?   Thurii benga

ki Thurii?   piThaa purii

pi piThaa?  taaLa ga i.NThaa

ki taaLa?   soriSha maaLa

ki soriSha?   aNa soriSha

ki aNa?  kiaa baNa

ki kiA?  rajaa chhuaa

ki rajaa?  khanDa khajaa

ki khanDa?  miriga lanDa

ki miriga? jhaaDa miriga

ki jhaaDa?  kanTaa baaDa

ki kanTaa? kaanakoLi kanTaa

Yahi.Nre lage jhaTaa paTaa

## କଥାଟିଏ କହୁଁ କଥାଟିଏ ...

କି କଥା?   ବେଙ୍ଗ ମଥା

କି ବେଙ୍ଗ?   ଠୁରୀ ବେଙ୍ଗ

କି ଠୁରୀ?   ପିଠା ପୁରୀ

ପି ପିଠା?  ତାଳ ଗ ଇଁଠା

କି ତାଳ?   ସୋରିଷ ମାଳ

କି ସୋରିଷ?   ଅଣ ସୋରିଷ

କି ଅଣ?  କିଆ ବଣ

କି କିଆ?  ରଜା ଛୁଆ

କି ରଜା?  ଖଣ୍ଡ ଖଜା

କି ଖଣ୍ଡ?  ମିରିଗ ଲଣ୍ଡ

କି ମିରିଗ? ଝାଡ ମିରିଗ

କି ଝାଡ?  କଣ୍ଟା ବାଡ

କି କଣ୍ଟା? କାନକୋଳି କଣ୍ଟା

ଯହିଁରେ ଲଗେ ଝଟା ପଟା

# kalurii benTa

bahuta dina taLara kathaa | goTie gaa.Nre goTie gariiba buDhii thaae | taa naa.N jagaa maa.N | muula laagi chaLe | kaahaa ghare baasana maaje, dhaana paachhuDe,besara baaTe | sukhe duHkhe chaLiYaae |


buDhiiTi dine goTie kalaraa manji paailaa | taaku mandaa kari agaNaare lagaailaa | paaNi delaa | kichhi dina pare kalaraa gajaa helaa | di patra helaa, laTeilaa | laTaa maaDi maaDi ghara chhapara uparaku maaDigalaa |

# କଲୁରୀ ବେଣ୍ଟ

ବହୁତ ଦିନ ତଳର କଥା । ଗୋଟିଏ ଗାଁରେ ଗୋଟିଏ ଗରୀବ ବୁଢୀ ଥାଏ । ତା ନାଁ ଜଗା ମାଁ । ମୂଲ ଲାଗି ଚଳେ । କାହା ଘରେ ବାସନ ମାଜେ, ଧାନ ପାଛୁଡେ, ବେସର ବାଟେ । ସୁଖେ ଦୁଃଖେ ଚଳିଯାଏ ।

ବୁଢୀଟି ଦିନେ ଗୋଟିଏ କଲରା ମଞ୍ଜି ପାଇଲା । ତାକୁ ମନ୍ଦା କରି ଅଗଣାରେ ଲଗାଇଲା । ପାଣି ଦେଲା । କିଛି ଦିନ ପରେ କଲରା ଗଜା ହେଲା । ଦି ପତ୍ର ହେଲା, ଲଟେଇଲା । ଲଟା ମାଡି ମାଡି ଘର ଛପର ଉପରକୁ ମାଡିଗଲା ।

dine buDhii sakaaLu uThibaa beLaku dekhilaa ki kaDhaTie hoichhi | buDhiira aanandara siimaa rahilaa naahi.N |  kaDha baDhibaDhi phula helaa, kaShi phaLa helaa | phaLa baDa helaa, paachilaa | paachi haLadiaa rangara helaa | kalaraa paachibaa dekhi buDhii khusii hoi bahe naachigalaa | taa gharaku Yie asilaa, taaku kalaraa dekhaailaa |



ଦିନେ ବୁଢୀ ସକାଳୁ ଉଠିବା ବେଳକୁ ଦେଖିଲା କି କଢଟିଏ ହୋଇଛି । ବୁଢୀର ଆନନ୍ଦର ସୀମା ରହିଲା ନାହିଁ ।  କଢ ବଢିବଢି ଫୁଲ ହେଲା, କଷି ଫଳ ହେଲା । ଫଳ ବଡ ହେଲା, ପାଚିଲା । ପାଚି ହଳଦିଆ ରଙ୍ଗର ହେଲା । କଲରା ପାଚିବା ଦେଖି ବୁଢୀ ଖୁସୀ ହୋଇ ବହେ ନାଚିଗଲା । ତା ଘରକୁ ଯିଏ ଅସିଲା, ତାକୁ କଲରା ଦେଖାଇଲା ।

buDhii baarire goTie kaau rahuthilaa | kalaraaku dekhi taa paaTiru lobhare laaLa gaDilaa |dine buDhiiku kahilaa, "e buDhii maausii | mate ei kalaraaTi deunu | mu.N khaaaanti !"

buDhiira ta ichhaa nathilaa kalaraa debaaku | teNu se goTie buddi paanchilaa | kaauku kahilaa, "to thanTare kaadua laagichhi | Yadi khaaibaaku ichhaa, taa hele maamu.N ghara kuuare thanTa dhoi aa |

ବୁଢୀ ବାରିରେ ଗୋଟିଏ କାଉ ରହୁଥିଲା । କଲରାକୁ ଦେଖି ତା ପାଟିରୁ ଲୋଭରେ ଲାଳ ଗଡିଲା । ଦିନେ ବୁଢୀକୁ କହିଲା,-"ଏ ବୁଢୀ ମାଉସୀ । ମତେ ଏଇ କଲରାଟି ଦେଉନୁ । ମୁଁ ଖାଆନ୍ତି !"

ବୁଢୀର ତ ଇଛା ନଥିଲା କଲରା ଦେବାକୁ । ତେଣୁ ସେ ଗୋଟିଏ ବୁଦ୍ଧି ପାଞ୍ଚିଲା । କାଉକୁ କହିଲା, 'ତୋ ଥଣ୍ଟରେ କାଦୁଅ ଲାଗିଛି । ଯଦି ଖାଇବାକୁ ଇଛା, ତା ହେଲେ ମାମୁଁ ଘର କୂଅରେ ଥଣ୍ଟ ଧୋଇ ଆ ।'

kaau uDi uDi galaa | maamu.N ghara kuua paakhare pahanchilaa | kuuaku kahilaa,

" re kuua ! de paaNi
dhue thanTa
dhaai.N dhaai.N khaae kalurii benTa |"

kuua kaaura kathaa shuNi uttara delaa,
" kumbhaara gharu maaThiaa aaNile sinaa paaNi kaaDhibu | sei paaNire thanTa dhoibu |"





କାଉ ଉଡି ଉଡି ଗଲା । ମାମୁଁ ଘର କୂଅ ପାଖରେ ପହଞ୍ଚିଲା । କୂଅକୁ କହିଲା,

‘ ରେ କୂଅ ! ଦେ ପାଣି
ଧୁଏ ଥଣ୍ଟ
ଧାଇଁ ଧାଇଁ ଖାଏ କଲୁରୀ ବେଣ୍ଟ ।‘

କୂଅ କାଉର କଥା ଶୁଣି ଉତ୍ତର ଦେଲା,- “କୁମ୍ଭାର ଘରୁ ମାଠିଆ ଆଣିଲେ ସିନା ପାଣି କାଢିବୁ । ସେଇ ପାଣିରେ ଥଣ୍ଟ ଧୋଇବୁ ।”

kaau kumbhaara ghare pahanchilaa | buDhaa kumbhaara setebeLe basi maaTi haanDi gaDhuthilaa |
kumbhaara aagare basipaDi  kaau kahilaa, -

re kumbhaara ! de maaThiaa
kaaDhe paaNi, dhue thanTa
dhaai.N dhaai.N khaae kalurii benTa |"

kumbhaara kahilaa, "bilaru maaTi aaNile mu.N to paai.N maaThiaa gaDhidebi |"



କାଉ କୁମ୍ଭାର ଘରେ ପହଞ୍ଚିଲା । ବୁଢା କୁମ୍ଭାର ସେତେବେଳେ ବସି ମାଟି ହାଣ୍ଡି ଗଢୁଥିଲା ।

କୁମ୍ଭାର ଆଗରେ ବସିପଡି  କାଉ କହିଲା, -

ରେ କୁମ୍ଭାର ! ଦେ ମାଠିଆ

କାଢେ ପାଣି, ଧୁଏ ଥଣ୍ଟ

ଧାଇଁ ଧାଇଁ ଖାଏ କଲୁରୀ ବେଣ୍ଟ ।‘

କୁମ୍ଭାର କହିଲା, ‘ବିଲରୁ ମାଟି ଆଣିଲେ ମୁଁ ତୋ ପାଇଁ ମାଠିଆ ଗଢିଦେବି ।‘

kaau aau Deri nakari bila aaDaku uDigalaa | bila kaanare raau raau hoi kahilaa, -
"re bila ! de maaTi
gaDhu kumbhaara maaThiaa goTi,
kaaDhe paaNi, dhue thanTa
dhaai.N dhaai.N khaae kalurii benTa |"

bila kaau kathaa shuNi hasi delaa | kahilaa, -
" to thanTare ta dhaara naahi.N, tu maaTi khoLibu kemiti? tu Yaai miriga paakharu taara shingha aaNa | shinghare maaTi khoLi neiYibu |"

କାଉ ଆଉ ଡେରି ନକରି ବିଲ ଆଡକୁ ଉଡିଗଲା । ବିଲ କାନରେ ରାଉ ରାଉ ହୋଇ କହିଲା, -

“ରେ ବିଲ ! ଦେ ମାଟି  ଗଢୁ କୁମ୍ଭାର ମାଠିଆ ଗୋଟି,

କାଢେ ପାଣି, ଧୁଏ ଥଣ୍ଟ  ଧାଇଁ ଧାଇଁ ଖାଏ କଲୁରୀ ବେଣ୍ଟ ।”

ବିଲ କାଉ କଥା ଶୁଣି ହସି ଦେଲା । କହିଲା, -

“ତୋ ଥଣ୍ଟରେ ତ ଧାର ନାହିଁ, ତୁ ମାଟି ଖୋଳିବୁ କେମିତି? ତୁ ଯାଇ ମିରିଗ ପାଖରୁ ତାର ଶିଙ୍ଘ ଆଣ । ଶିଙ୍ଘରେ ମାଟି ଖୋଳି ନେଇଯିବୁ ।”


kaau uDi uDi paakha jangalaku galaa | jangalare mirigaTie shoithilaa | taa paakhare pahanchi kaau kahilaa,-

"re miriga ! de shingha
khoLe maaTi,
gaDhu kumbhaara maaThiaa goTi,
kaaDhe paaNi, dhue thanTa
dhaai.N dhaai.N khaae kalurii benTa |"

miriga bhaari chaalaak | kaau kathaa shuNi kahilaa, -

"dekha bhaai, dina saaraa kichhi nakhaai mu.N upaasare achhi | tu kaaLii gaaii paakharu dudha aaNa | mu.N dudha pie |mo dehare bala heu | taahaa hele mu.N tote shingha debi |





କାଉ ଉଡି ଉଡି ପାଖ ଜଙ୍ଗଲକୁ ଗଲା । ଜଙ୍ଗଲରେ ମିରିଗଟିଏ ଶୋଇଥିଲା । ତା ପାଖରେ ପହଞ୍ଚି କାଉ କହିଲା,-

“ରେ ମିରିଗ ! ଦେ ଶିଙ୍ଘ
ଖୋଳେ ମାଟି,
ଗଢୁ କୁମ୍ଭାର ମାଠିଆ ଗୋଟି,
କାଢେ ପାଣି, ଧୁଏ ଥଣ୍ଟ
ଧାଇଁ ଧାଇଁ ଖାଏ କଲୁରୀ ବେଣ୍ଟ ।”


ମିରିଗ ଭାରି ଚାଲାକ । କାଉ କଥା ଶୁଣି କହିଲା, - “ଦେଖ ଭାଇ, ଦିନ ସାରା କିଛି ନଖାଇ ମୁଁ ଉପାସରେ ଅଛି ତୁ କାଳୀ ଗାଈ ପାଖରୁ ଦୁଧ ଆଣ । ମୁଁ ଦୁଧ ପିଏ ।ମୋ ଦେହରେ ବଳ ହେଉ । ତାହା ହେଲେ ମୁଁ ତୋତେ ଶିଙ୍ଘ ଦେବି ।

kaaLiigaaii daanDaduaare bandhaahoithilaa | se ghara chaaLa upare basi kaau kahilaa,-

"re kaaLii gaaii, de dudha
piu miriga, deu shingha,
khoLe maaTi,
gaDhu kumbhaara
maaThiaa goTi,
kaaDhe paaNi, dhue thanTa
dhaai.N dhaai.N khaae
kalurii benTa |"

kaau kathaa shuNi kaaLiigaaii kahilaa,-"bhala kathaa | tu mote hiDa munDaru ghaasa aaNi de | mu.N ghaasa khaai saarile dudha debi |"





କାଳୀଗାଈ ଦାଣ୍ଡଦୁଆରେ ବନ୍ଧାହୋଇଥିଲା । ସେ ଘର ଚାଳ ଉପରେ ବସି କାଉ କହିଲା,-

"ରେ କାଳୀ ଗାଈ, ଦେ ଦୁଧ
ପିଉ ମିରିଗ, ଦେଉ ଶିଙ୍ଘ,
ଖୋଳେ ମାଟି,
ଗଢୁ କୁମ୍ଭାର ମାଠିଆ ଗୋଟି,
କାଢେ ପାଣି, ଧୁଏ ଥଣ୍ଟ
ଧାଇଁ ଧାଇଁ ଖାଏ କଲୁରୀ ବେଣ୍ଟ ।"

କାଉ କଥା ଶୁଣି କାଳୀଗାଈ କହିଲା,-
"ଭଲ କଥା । ତୁ ମୋତେ ହିଡ ମୁଣ୍ଡରୁ ଘାସ ଆଣି ଦେ । ମୁଁ ଘାସ ଖାଇ ସାରିଲେ ଦୁଧ ଦେବି ।"

kaau bicharaa uDi uDi Yaai gahiira hiDa munDare pahanchilaa | hiDaku kahilaa,-
"re hiDa, de ghaasa
khaau kaaLii gaaii, deu dudha
piu miriga, deu shingha,
khoLe maaTi,
gaDhu kumbhaara maaThiaa goTi,
kaaDhe paaNi, dhue thanTa
dhaai.N dhaai.N
khaae kalurii benTa |"

kaau kathaa shuNi hiDa kahilaa,-
"daaaa nahele tu ghaasa kaaTibu kemiti?

tu aage Yaai kamaarashaaLaru daaaa aaNa | daaaare ghaasa kaaTi neiYibu |"




କାଉ ବିଚରା ଉଡି ଉଡି ଯାଇ ଗହୀର ହିଡ ମୁଣ୍ଡରେ ପହଞ୍ଚିଲା । ହିଡକୁ କହିଲା,-

"ରେ ହିଡ, ଦେ ଘାସ
ଖାଉ କାଳୀ ଗାଈ, ଦେଉ ଦୁଧ
ପିଉ ମିରିଗ, ଦେଉ ଶିଙ୍ଘ,
ଖୋଳେ ମାଟି,
ଗଢୁ କୁମ୍ଭାର ମାଠିଆ ଗୋଟି,
କାଢେ ପାଣି, ଧୁଏ ଥଣ୍ଟ
ଧାଇଁ ଧାଇଁ ଖାଏ କଲୁରୀ ବେଣ୍ଟ ।"

କାଉ କଥା ଶୁଣି ହିଡ କହିଲା,-'ଦାଆ ନହେଲେ ତୁ ଘାସ କାଟିବୁ କେମିତି? ତୁ ଆଗେ ଯାଇ କମାରଶାଳରୁ ଦାଆ ଆଣ । ଦାଆରେ ଘାସ କାଟି ନେଇଯିବୁ

hiDa kathaa shuNi kaau khusi manare
kamaarashaaLa aaDaku uDigalaa |
kamaaraku kahilaa,-

"re kamaara, de daaaa
kaaTe ghaasa,
khaau kaaLii gaaii, deu dudha
piu miriga, deu shingha,
khoLe maaTi,
gaDhu kumbhaara maaThiaa goTi,
kaaDhe paaNi, dhue thanTa
dhaai.N dhaai.N khaae kalurii benTa |"



ହିଡ କଥା ଶୁଣି କାଉ ଖୁସି ମନରେ

କମାରଶାଳ ଆଡକୁ ଉଡିଗଲା । କମାରକୁ

କହିଲା,-

"ରେ କମାର, ଦେ ଦାଆ

କାଟେ ଘାସ,

ଖାଉ କାଳୀ ଗାଈ, ଦେଉ ଦୁଧ

ପିଉ ମିରିଗ, ଦେଉ ଶିଙ୍ଘ,

ଖୋଳେ ମାଟି,

ଗଢୁ କୁମ୍ଭାର ମାଠିଆ ଗୋଟି,

କାଢେ ପାଣି, ଧୁଏ ଥଣ୍ଟ

ଧାଇଁ ଧାଇଁ ଖାଏ କଲୁରୀ ବେଣ୍ଟ ।"

kamaara ta buDhiira sangaata | se jaNipaarilaa ki kaau buDhii baarira kalaraa khaaibaa paai.N lobha karichhi | Yadi buDhii e kathaa jaaNiYaae, taaku e gaa.Nre baaTa chalei deba naahi.N | sethipaai.N se manemane goTie kaushaLa paanchilaa | kaauku pachaarilaa,- "tora ta haata goDa naahi.N | keu.Nthire dhari daaaa nebu?"

sanja maaDi aasuthilaa | daaaa paai.N kaau taratara heuthilaa | se kahilaa,-

"mo thanTa upare thoi de, mu.N daaaa neiYibi |"

କମାର ତ ବୁଢୀର ସଙ୍ଗାତ । ସେ ଜଣିପାରିଲା କି କାଉ ବୁଢୀ ବାରିର କଲରା ଖାଇବା ପାଇଁ ଲୋଭ କରିଛି । ଯଦି ବୁଢୀ ଏ କଥା ଜାଣିଯାଏ, ତାକୁ ଏ ଗାଁରେ ବାଟ ଚଲେଇ ଦେବ ନାହିଁ । ସେଥିପାଇଁ ସେ ମନେମନେ ଗୋଟିଏ କୌଶଳ ପାଞ୍ଚିଲା । କାଉକୁ ପଚାରିଲା,- "ତୋର ତ ହାତ ଗୋଡ ନାହିଁ । କେଉଁଥିରେ ଧରି ଦାଆ ନେବୁ?"

ସଞ୍ଜ ମାଡି ଆସୁଥିଲା । ଦାଆ ପାଇଁ କାଉ ତରତର ହେଉଥିଲା । ସେ କହିଲା,- "ମୋ ଥଣ୍ଟ ଉପରେ ଥୋଇ ଦେ, ମୁଁ ଦାଆ ନେଇଯିବି ।"

kamaara daaaa khanDika bhala kari niaa.Nre pachei delaa | sei tatalaa luhaara daaaaku taa thanTa upare maaDidebaa kshaNi kaau chhaTapaTa hoi gaa.N daanDa dhuuLire gaDigalaa |

para jiniShaku lobha kale eibhaLi danDa miLe |

କମାର ଦାଆ ଖଣ୍ଡିକ ଭଲ କରି ନିଆଁରେ ପଚେଇ ଦେଲା । ସେଇ ତତଲା ଲୁହାର ଦାଆକୁ ତା ଥଣ୍ଟ ଉପରେ ମାଡିଦେବା କ୍ଷଣି କାଉ ଛଟପଟ ହୋଇ ଗାଁ ଦାଣ୍ଡ ଧୂଳିରେ ଗଡିଗଲା ।

ପର ଜିନିଷକୁ ଲୋଭ କଲେ ଏଇଭଳି ଦଣ୍ଡ ମିଳେ ।

# mo kathaaTi sarilaa

mo kathaaTi sarilaa phula gachhaTi marilaa

ha.ire phulagachha! tu kaahi.Nki malu?
mote kaaLii gaaii khaaigalaa

ha.ire kaaLii gaaii! tu kaahi.Nki khaailu?
mote gauDa jagilaa naahi.N |

ha.ire gauDa! tu kaahi.Nki jagilu naahi.N?
mote baDa bohuu bhaata delaa naahi.N|

ha.ire baDa bohuu! tu kaahi.Nki bhaata delu naahi.N?
mo pua kaandilaa |

ha.ire pua! tu kaahi.Nki kaandilu?
mote jandaa kaamuDi delaa |

ha.ire jandaa! tu kaahi.Nki kaamuDilu?

*maaTi taLe taLe thaae ka.a.NLa maa.Nusa Tikie paaile*
*ruT kinaa kaamuDi die*

www.odia.org

VISIT US TO DOWNLOAD THIS AND
MORE ODIA BOOKS

# ମୋ କଥାଟି ସରିଲା

ମୋ କଥାଟି ସରିଲା ଫୁଲ ଗଛଟି ମରିଲା

ହଇରେ ଫୁଲଗଛ! ତୁ କାହିଁକି ମଲୁ?

ମୋତେ କାଳୀ ଗାଈ ଖାଇଗଲା

ହଇରେ କାଳୀ ଗାଈ! ତୁ କାହିଁକି ଖାଇଲୁ?

ମୋତେ ଗୌଡ ଜଗିଲା ନାହିଁ ।

ହଇରେ ଗୌଡ! ତୁ କାହିଁକି ଜଗିଲୁ ନାହିଁ?

ମୋତେ ବଡ ବୋହୂ ଭାତ ଦେଲା ନାହିଁ

ହଇରେ ବଡ ବୋହୂ! ତୁ କାହିଁକି ଭାତ ଦେଲୁ ନାହିଁ?

ମୋ ପୁଅ କାନ୍ଦିଲା ।

ହଇରେ ପୁଅ! ତୁ କାହିଁକି କାନ୍ଦିଲୁ?

ମୋତେ ଜନ୍ଦା କାମୁଡି ଦେଲା ।

ହଇରେ ଜନ୍ଦା! ତୁ କାହିଁକି କାମୁଡିଲୁ?

ମାଟି ତଳେ ତଳେ ଥାଏ        କଂଅଁଳ ମାଉଁସ ଟିକିଏ ପାଇଲେ

ରୁଟ କିନା କାମୁଡି ଦିଏ.......

www.odia.org

VISIT US TO DOWNLOAD THIS AND
MORE ODIA BOOKS